# NATIONAL NEWS BULLETIN (ODIA)

## 1 July - 2025

## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ଉତ୍ତରପ୍ରଦେଶର ପ୍ରଥମ ମହାଯୋଗୀ ଗୁରୁ ଗୋରଖନାଥ ଆୟୁଷ ବିଶ୍ୱବିଦ୍ୟାଳୟକୁ ଆଜି ଉଦ୍‌ଘାଟନ କରିବେ ରାଷ୍ଟ୍ରପତି ।
- ଖୁବ୍ ଶୀଘ୍ର ଜାତୀୟ ସମବାୟ ନୀତି ଘୋଷଣା କରାଯିବ କହିଲେ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ।
- ରେଳ ମନ୍ତ୍ରଣାଳୟ ପକ୍ଷରୁ ଆଜିଠାରୁ ଲାଗୁ ହେଲା ବର୍ଦ୍ଧିତ ଯାତ୍ରୀ ଭଡ଼ା ।

– ଲୋକାଲ୍ ଟ୍ରେନ୍ ଓ ମାସିକ ଟିକଟ ଭଡ଼ା ଅପରିବର୍ତ୍ତିତ ।

- ଜି.ଏସ୍.ଟି. କାର୍ଯ୍ୟକାରିତାକୁ ପୂରିଲା ୮ ବର୍ଷ ।

– ଗତ ଆର୍ଥିକ ବର୍ଷ ଦେଶରେ ୨୨ ଲକ୍ଷ ୮୦ ହଜାର କୋଟି ଟଙ୍କାର ରେକର୍ଡ୍ ଜି.ଏସ୍.ଟି. ସଂଗ୍ରହ ।

ଏବଂ

- ବ୍ରିଷ୍ଟୋଲ୍ ଠାରେ ଆଜି ଖେଳାଯିବ ଭାରତ-ଇଂଲଣ୍ଡ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ।

## ପ୍ରେଜ୍-ଗୋରଖପୁର ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉତ୍ତରପ୍ରଦେଶର ପ୍ରଥମ ମହାଯୋଗୀ ଗୁରୁ ଗୋରଖନାଥ ଆୟୁଷ ବିଶ୍ୱବିଦ୍ୟାଳୟକୁ ଆଜି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ । ଆୟୁର୍ବେଦ, ୟୁନାନି ଏବଂ ହୋମିଓପାଥି ସମେତ ପାରମ୍ପରିକ ଚିକିତ୍ସା ପ୍ରଣାଳୀରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ କାର୍ଯ୍ୟ କରିବ ।

ଏହି ବିଶ୍ୱବିଦ୍ୟାଳୟ ନିଯୁକ୍ତିର ନୂତନ ମାର୍ଗ ଉନ୍ମୋଚନ କରିବା ସହ ଔଷଧୀୟ ଉଦ୍ଭିଦରେ ବାଣିଜ୍ୟିକ ଚାଷକୁ ପ୍ରୋତ୍ସାହନ ପ୍ରଦାନ କରିବାର ଆଶା କରାଯାଇଛି । ୨୦୨୧ ଅଗଷ୍ଟ ୨୮ ତାରିଖରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହି ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ କରିଥିଲେ । ଉଦ୍‌ଘାଟନ ସମାରୋହ ପରେ ରାଷ୍ଟ୍ରପତି ଗୋରଖନାଥ ମନ୍ଦିର ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଉଦ୍‌ଘାଟନୀ ସମାରୋହରେ ରାଜ୍ୟପାଳ ଆନନ୍ଦିବେନ୍ ପଟେଲ୍ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଯୋଗଦେବେ ।

## ଅମିତ ଶାହା-ମନ୍ଥନ

ଦେଶର ପ୍ରତ୍ୟେକ ନାଗରିକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଗୁରୁତ୍ୱାରୋପ କରିଛନ୍ତି । ନୂଆଦିଲ୍ଲୀ ଠାରେ ଗତକାଲି ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ ଏକ ମନ୍ଥନ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଶାହା ଏହା

କହିଛନ୍ତି । ଏହି ବୈଠକରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମନ୍ତ୍ରୀ ତଥା ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ ।

ଦେଶରେ ସମବାୟ ଆନ୍ଦୋଳନକୁ ସୁଦୃଢ଼ କରିବା ଏବଂ ଏ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡ଼ିକର ସମୀକ୍ଷା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା । ଯୋଜନା ଗୁଡ଼ିକର ସଫଳ ମୂଲ୍ୟାୟନ ସହ ସହଯୋଗକୁ ପ୍ରୋତ୍ସାହନ ପ୍ରଦାନ କରିବା ନେଇ ବୈଠକରେ ମତ ବିନିମୟ ହୋଇଛି ।

ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ପରିପ୍ରେକ୍ଷୀରେ ଦେଶରେ ଦୀର୍ଘକାଳୀନ ସହଯୋଗ ପରମ୍ପରାକୁ ପୁନର୍ଜୀବିତ କରାଯାଇ ପାରିଛି । ଏଥିପାଇଁ ସମବାୟ ମନ୍ତ୍ରଣାଳୟର ପ୍ରତିଷ୍ଠା କରାଯାଇଛି । ଗତ ଦଶନ୍ଧି ମଧ୍ୟରେ ଦେଶରେ ସାମାଜିକ ପରିବର୍ତ୍ତନ ଓ ବିକାଶର ନୂତନ ଦୃଶ୍ୟପଟ୍ଟ ପରିଲକ୍ଷିତ ହୋଇଛି । ଆଗାମୀ ୫ ବର୍ଷ ମଧ୍ୟରେ ପ୍ରତ୍ୟେକ ଗାଁରେ ସମବାୟ ସମିତି ପ୍ରତିଷ୍ଠା କରିବା ସରକାରଙ୍କର ଲକ୍ଷ୍ୟ ବୋଲି ସେ କହିଛନ୍ତି । ଏଥିପାଇଁ ସମବାୟ ଡାଟା ବେଶ୍‌ର ବ୍ୟବହାର ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଖୁବ୍ ଶୀଘ୍ର ଜାତୀୟ ସମବାୟ ନୀତି ଘୋଷଣା କରାଯିବ । ଏହା ଚଳିତ ବର୍ଷ ଠାରୁ ୨୦୪୫ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ବୋଲି ସେ ସୂଚନା ଦେଇଛନ୍ତି । ରାଜ୍ୟ ଗୁଡ଼ିକରେ ପ୍ରାକୃତିକ କୃଷିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ସମବାୟ ବିଭାଗ କୃଷି ବିଭାଗ ସହିତ ମିଳିମିଶି କାମ କରିବା ଉପରେ ମନ୍ତ୍ରୀ ଶ୍ରୀ ଶାହା ପରାମର୍ଶ ଦେଇଛନ୍ତି ।

# ରେଳ ଭଡ଼ା

ରେଳ ମନ୍ତ୍ରଣାଳୟ ପକ୍ଷରୁ ବର୍ଦ୍ଧିତ ଯାତ୍ରୀ ଭଡ଼ା ଆଜିଠାରୁ ଲାଗୁ ହୋଇଛି । ଯାତ୍ରୀ ସେବାକୁ ଉନ୍ନତ କରିବା ଲକ୍ଷ୍ୟ ନେଇ ଏହି ଭଡ଼ା ବୃଦ୍ଧି କରାଯାଇଥିବା ଜଣାପଡ଼ିଛି । ଅଣ-ଏସି ମେଲ୍ ଏବଂ ଦ୍ରୁତଗାମୀ ଟ୍ରେନ୍ ପାଇଁ କିଲୋମିଟର ପିଛା ଏକ ପଇସା ଏବଂ ଏ.ସି. ଶ୍ରେଣୀ ପାଇଁ କିଲୋମିଟର ପିଛା ୨ ପଇସା ଟ୍ରେନ୍ ଭଡ଼ା ବୃଦ୍ଧି କରାଯାଇଛି । ତେବେ ଲୋକାଲ୍ ଟ୍ରେନ୍ ଭଡ଼ା ଏବଂ ମାସିକ ଟିକଟ ଭଡ଼ା ଅପରିବର୍ତ୍ତିତ ରଖାଯାଇଛି ବୋଲି ମନ୍ତ୍ରଣାଳୟ କହିଛି । ସଂରକ୍ଷଣ ଶୁଳ୍କ, ସୁପରଫାଷ୍ଟ ସର୍‌ଚାର୍ଜ ଏବଂ ଅନ୍ୟାନ୍ୟ ଶୁଳ୍କ ଅପରିବର୍ତ୍ତିତ ରହିଛି ।

ଦ୍ୱିତୀୟ ଶ୍ରେଣୀ ଯାତ୍ରା ପାଇଁ ଯାତ୍ରୀ ଭଡ଼ା ୫୦୦ କିଲୋମିଟର ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିବ । ୫୦୧ରୁ ୧୫୦୦ କିଲୋମିଟର ଦୂରତା ପାଇଁ ୫ ଟଙ୍କା ୧୫୦୧ରୁ ଅଢ଼େଇ ହଜାର କିଲୋମିଟର ଦୂରତା ଲାଗି ୧୦ ଟଙ୍କା ଏବଂ ୨ହଜାର ୫୦୧ରୁ ୩ହଜାର କିଲୋମିଟର ଦୂତା ପାଇଁ ଏଣିକି ୧୫ ଟଙ୍କା ଅଧିକ ଦେୟ ଦେବାକୁ ପଡ଼ିବ । ଏହି ସଂଶୋଧିତ ଭଡ଼ା ରାଜଧାନୀ, ଶତାବ୍ଦୀ, ଦୂରନ୍ତୋ, ବନ୍ଦେ ଭାରତ ଏବଂ ତେଜସ ଭଳି ପ୍ରିମିୟର୍ ଓ ସ୍ୱତନ୍ତ୍ର ଟ୍ରେନ୍ ସେବା କ୍ଷେତ୍ରରେ ଲାଗୁ କରାଯାଇଥିବା ମନ୍ତ୍ରଣାଳୟ କହିଛି ।

# ଏଲ୍‌ପିଜି-ପ୍ରାଇସ୍

୧୯ କିଲୋଗ୍ରାମ ବାଣିଜ୍ୟିକ ଏଲ୍.ପି.ଜି. ସିଲିଣ୍ଡର ପିଛା ମୂଲ୍ୟ ୫୮ ଟଙ୍କା ୫୦ ପଇସା ହ୍ରାସ ପାଇଛି । ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ – ଆଇ.ଓ.ସି.ଏଲ୍. ପକ୍ଷରୁ ଏହା ଘୋଷଣା କରାଯିବା ସହ ଆଜିଠାରୁ କାର୍ଯ୍ୟକାରୀ କରାଯାଇଛି । ଏଲ୍.ପି.ଜି. ଗ୍ୟାସ୍ ସିଲିଣ୍ଡରର ଖୁଚୁରା ମୂଲ୍ୟ ଏବେ ଦିଲ୍ଲୀରେ ୧ ହଜାର ୬୬୫ ଟଙ୍କା ହୋଇଛି । କୋଲକାତାରେ ଏହାର ମୂଲ୍ୟ ୫୭ ଟଙ୍କା, ମୁମ୍ବାଇରେ ୫୮ ଟଙ୍କା ଏବଂ ଚେନ୍ନାଇରେ ୫୭ ଟଙ୍କା ୫୦ ପଇସା ହ୍ରାସ ପାଇଛି ବୋଲି ଆଇ.ଓ.ସି.ଏଲ୍. ସୂଚନା ଦେଇଛି । ତେବେ ଘରୋଇ ସିଲିଣ୍ଡର ମୂଲ୍ୟ ଅପରିବର୍ତ୍ତିତ ରହିଛି ।

# ଜିଏସ୍‌ଟି ଆନିଭରସାରୀ

ଦେଶରେ ଦ୍ରବ୍ୟ ଓ ସେବାକର ଜି.ଏସ୍.ଟି. କାର୍ଯ୍ୟକାରୀ ହେବା ଆଜିକୁ ୮ ବର୍ଷ ପୂରଣ ହୋଇଛି । ଆର୍ଥିକ ଏକୀକରଣ ଉଦ୍ଦେଶ୍ୟ ନେଇ ୨୦୧୭ ଜୁଲାଇ ପହିଲାରେ ଜି.ଏସ୍.ଟି. ଆଇନ୍ ଦେଶରେ ପ୍ରଚଳନ କରାଯାଇଥିଲା । ପରୋକ୍ଷ ଟିକସ ବ୍ୟବସ୍ଥାକୁ ଏହା ଏକକ, ସମନ୍ୱିତ ଏବଂ ସୁ-ବ୍ୟବସ୍ଥିତ କରିପାରିଛି । ଟିକସ ଅନୁପାଳନକୁ ସହଜ କରିବା ସହିତ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକର ଖର୍ଚ୍ଚ ହ୍ରାସ ପାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜି.ଏସ୍.ଟି.କୁ ନବଭାରତର ଏକ ଯୁଗାନ୍ତକାରୀ ଆଇନ୍ ଭାବେ ଅବିହିତ କରିଛନ୍ତି । ୮ ବର୍ଷ ମଧ୍ୟରେ

ଜି.ଏସ୍.ଟି. ଅନେକ ଉପଲବ୍ଧି ହାସଲ କରିଛି । ଗତ ଆର୍ଥିକ ବର୍ଷରେ ମୋଟ୍ ଜି.ଏସ୍.ଟି. ସଂଗ୍ରହ ରେକର୍ଡ ପରିମାଣ ୨୨ ଲକ୍ଷ ୮୦ ହଜାର କୋଟି ଟଙ୍କାରେ ପହଞ୍ଚିଛି । ପୂର୍ବ ବର୍ଷ ତୁଳନାରେ ଏହା ୯ ଦଶମିକ୍ ୪ ପ୍ରତିଶତ ବୃଦ୍ଧି ପାଇଛି । ଗତ ଆର୍ଥିକ ବର୍ଷ ହାରାହାରି ମାସିକ ସଂଗ୍ରହ ୧ ଲକ୍ଷ ୮୪ ହଜାର କୋଟି ଟଙ୍କା ରହିଥିଲା ।

ରାଜସ୍ୱ ସଂଗ୍ରହରେ ନିରନ୍ତର ଅଭିବୃଦ୍ଧି ଏବଂ ଗତ ଏପ୍ରିଲ୍ ଶେଷ ସୁଦ୍ଧା ୧ କୋଟି ୫୧ ଲକ୍ଷରୁ ଅଧିକ ସକ୍ରିୟ କରଦାତା ଜି.ଏସ୍.ଟି.ର ସଫଳତାକୁ ପ୍ରତିପାଦନ କରୁଛି ।

## ଜୟଶଙ୍କର-କ୍ୱାଡ୍ ମିଟିଂ

ଆମେରିକାର ୱାଶିଂଟନ୍ ଡି.ସି. ଠାରେ ଆୟୋଜିତ କ୍ୱାଡ୍ ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକରେ ଡକ୍ଟର ଏସ୍. ଜୟଶଙ୍କର ଆଜି ଯୋଗଦେବେ । ବୈଦେଶିକ ମନ୍ତ୍ରଣାଳୟ କହିଛି, ଏହି ବୈଠକରେ ଗତ ଜାନୁଆରୀ ୨୧ ତାରିଖରେ ଅନୁଷ୍ଠିତ ହୋଇଥିବା ବୈଠକ ନିଷ୍ପତ୍ତିର କାର୍ଯ୍ୟାନ୍ୱୟନ ଉପରେ ମତ ବିନିମୟ ହେବ । ଆଞ୍ଚଳିକ ଏବଂ ବିଭିନ୍ନ ବୈଶ୍ୱିକ ପ୍ରସଙ୍ଗ ନେଇ ଏହି ବୈଠକରେ ବୈଦେଶିକ ମନ୍ତ୍ରୀମାନଙ୍କ ମଧ୍ୟରେ ଆଲୋଚନା ହେବା ସହ ଭାରତ-ପ୍ରଶାନ୍ତ ମହାସାଗରୀୟ ପ୍ରସଙ୍ଗ ଗୁଡ଼ିକ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯିବ । ବିଭିନ୍ନ କ୍ଷେତ୍ରରେ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ତଥା

ସମ୍ପର୍କ ବୃଦ୍ଧିର ନୂତନ ମାର୍ଗ ଉନ୍ମୋଚନ ନେଇ ବୈଠକରେ ମତବିନିମୟ ହେବାର ସମ୍ଭାବନା ରହିଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ।

ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ପୌରହିତ୍ୟରେ ଅନୁଷ୍ଠିତ ହେଉଥିବା ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆର ବୈଦେଶିକ ମନ୍ତ୍ରୀ ପେନି ଓଙ୍ଗ୍ ଏବଂ ଜାପାନର ବୈଦେଶିକ ମନ୍ତ୍ରୀ ଇୱାୟା ତାକେଶି ଯୋଗଦେଉଛନ୍ତି ।

## କ୍ୱାଡ୍-ଅବଜରଭର ମିଶନ୍

ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ସାମୁଦ୍ରିକ ସହଯୋଗ ବୃଦ୍ଧି ଲକ୍ଷ୍ୟ ନେଇ କ୍ୱାଡ୍ ସଦସ୍ୟ ରାଷ୍ଟ୍ର ଗୁଡ଼ିକର ତଟରକ୍ଷୀ ବାହିନୀ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି । କ୍ୱାଡ୍ ଆଟ୍ ସି ସିପ୍ ପର୍ଯ୍ୟବେକ୍ଷକ ମିଶନ୍ ନାମରେ ନାମିତ ଏହି ଅଭିଯାନରେ ସଦସ୍ୟ ରାଷ୍ଟ୍ର ଭାରତ, ଜାପାନ, ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଅଷ୍ଟ୍ରେଲିଆର ଦୁଇଜଣ ଲେଖାଏଁ ଅଧିକାରୀ ସାମିଲ ହୋଇଛନ୍ତି । ୱିଲିମିଙ୍ଗ୍‌ଟନ୍ ଘୋଷଣାନାମା ଆଧାରରେ ଏହି ଅଭିଯାନକୁ କାର୍ଯ୍ୟକାରୀ କରାଯାଇଛି । ଏହି ଅଭିଯାନ ଏବେ ଗୁଆମ୍ ଅଭିମୁଖେ ଯାତ୍ରା କରୁଛି । ଏହି ଅଭିଯାନ ସଦସ୍ୟ ରାଷ୍ଟ୍ର ଗୁଡ଼ିକ ମଧ୍ୟରେ ଏକ ମୁକ୍ତ, ଅନ୍ତର୍ଭୁକ୍ତିକରଣ ତଥା ନିୟମ ଆଧାରିତ ଭାରତ-ପ୍ରଶାନ୍ତ ମହାସାଗରୀୟ ସହଯୋଗ ନେଇ ପ୍ରତିବଦ୍ଧତାକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

# ପ୍ରଧାନ-ଫୁଟବଲ୍

ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ସଂସ୍କୃତିକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଦେଶର ବିଭିନ୍ନ ବିଦ୍ୟାଳୟରେ ପ୍ରାୟ ୧୦ ଲକ୍ଷ ଫୁଟବଲ୍ ବଣ୍ଟନ କରାଯିବ ବୋଲି ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । କୋଲକାତାର ପୋର୍ଟ୍ ଓ୍ୱିଲିୟମ୍ ସ୍ଥିତ ପି.ଏମ୍.ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପ୍ରଧାନ ଏହା କହିଛନ୍ତି । ସ୍କୁଲ୍ ପାଇଁ ଫୁଟବଲର ଅଂଶ ସ୍ୱରୂପ ଫିଫା ଫୁଟବଲ୍ ବଣ୍ଟନ ଅଭିଯାନକୁ ସେ ସେଠାରେ ଶୁଭାରମ୍ଭ କରିଥିଲେ ।

ସେ କହିଛନ୍ତି, କେବଳ ପଶ୍ଚିମବଙ୍ଗରେ ୮୮ ହଜାରରୁ ଅଧିକ ଫୁଟବଲ ବଣ୍ଟନ କରାଯିବ । ଏହାଦ୍ୱାରା ୧୫ରୁ ୧୬ ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହେବେ । ଫୁଟବଲ ଖେଳ ପ୍ରତି ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଫିଫା ଦ୍ୱାରା ପରିଚାଳିତ ଏଫ୍. ଫୋର୍ ଏସ୍. କାର୍ଯ୍ୟକ୍ରମ ତୃଣମୂଳ ସ୍ତରରେ ଫୁଟବଲ୍ ଖେଳ ପ୍ରତି ଆଗ୍ରହ ବୃଦ୍ଧି ପାଇବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି । ସ୍କୁଲ୍ ଶିକ୍ଷା ଓ ସାକ୍ଷରତା ବିଭାଗ ଦ୍ୱାରା ଅଖିଳ ଭାରତୀୟ ଫୁଟବଲ୍ ଫେଡେରେସନ୍ ଏବଂ ଭାରତୀୟ କ୍ରୀଡ଼ା ପ୍ରାଧିକରଣ ସହାୟତାରେ ଫିଫାର ଏହି ଅଭିଯାନକୁ କାର୍ଯ୍ୟକାରୀ କରାଯାଉଛି । ଭାରତରେ ଛାତ୍ରଛାତ୍ରୀଙ୍କ ପାଇଁ ଫିଫା ପକ୍ଷରୁ ୯ ଲକ୍ଷ ୬୦ ହଜାରରୁ ଅଧିକ ଫୁଟବଲ୍ ବଣ୍ଟନର ବ୍ୟବସ୍ଥା କରାଯାଇଛି ।

# ହେରାପଞ୍ଚମୀ

ଶ୍ରୀକ୍ଷେତ୍ର ପୁରୀରେ ଆଷାଢ଼ମାସ ଶୁକ୍ଳ ଷଷ୍ଠୀ ତିଥିରେ ଆଜି ଶ୍ରୀଗୁଣ୍ଡିଚା ମନ୍ଦିରରେ ହେରାପଞ୍ଚମୀ ନୀତି ଅନୁଷ୍ଠିତ ହେବ । ଏହି ନୀତି ଅନୁଯାୟୀ ମା’ ଲକ୍ଷ୍ମୀ ଠାକୁରାଣୀ ଅଭିମାନ କରି ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଏକ ଅଂଶକୁ ଭାଙ୍ଗିବାର ପରମ୍ପରା ରହିଛି । ଗତକାଲି ପଞ୍ଚମୀ ତିଥିରେ ଶ୍ରୀ ବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହୋଇଛି । ଶ୍ରଦ୍ଧାଳୁମାନେ ଗୁଣ୍ଡିଚାମନ୍ଦିର ସିଂହଦ୍ୱାର ଦେଇ ଶ୍ରୀଜୀଉମାନଙ୍କ ଦର୍ଶନ କରିଛନ୍ତି ।

# କ୍ରିକେଟ୍-ଟି-୨୦ ଓ୍ୱିମ୍ୟାନ୍

ଭାରତ-ଇଂଲଣ୍ଡ ମହିଳା ଟି-ଟ୍ୱେଣ୍ଟି ଚଳିତ ୫ଟିକିଆ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜି ବ୍ରିଷ୍ଟୋଲ୍‌ର କାଉଣ୍ଟି ଗ୍ରାଉଣ୍ଡ ଠାରେ ଖେଳାଯିବ । ପ୍ରଥମ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ଇଂଲଣ୍ଡକୁ ପରାସ୍ତ କରି ସିରିଜ୍‌ରେ ୧-୦ରେ ଆଗୁଆ ଅଛି । ନଟିଂହାମ୍ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ୯୭ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରିଥିଲା ।